● ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍, ଉପଭୋକ୍ତାଙ୍କ ଦୁର୍ଦ୍ଦଶା

# ଅଭିଯୋଗ ଶୁଣୁନାହାନ୍ତି ଅଧିକାରୀ

ମୁନିଗୁଡା,୧୦।୪(ସମିସ): ବର୍ଷା ପବନ ନଥିବା ସତ୍ତ୍ୱେ ପ୍ରତିଦିନ ୫ରୁ ୬ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେଉଛି। ଫଳରେ ସାଧାରଣ ଉପଭୋକ୍ତା ଅସୁବିଧାରେ ପଡ଼ୁଛନ୍ତି। ଅସହ୍ୟ ଗରମ ଓ ଗୁଳିଗୁଳି ପରିସ୍ଥିତିରେ ଲୋକମାନେ ବହୁ ଅସୁବିଧାରେ ଦିନ କାଟୁଥିବା ବେଳେ ବିଦ୍ୟୁତ ବିଭାଗର ଅନୁଦାନ ଓ ଅସଚେତନତା ପ୍ରତି ଅସନ୍ତୋଷ ବଢ଼ୁଛି। ସ୍ଥାନୀୟ ଉପଭୋକ୍ତାଙ୍କ କହିବା ଅନୁଯାୟୀ ବିଦ୍ୟୁତ କାଟ୍ ହେଲେ ସମ୍ପର୍କ କରିବାକୁ ଚେଷ୍ଟା କଲେ ବିଦ୍ୟୁତ କର୍ମଚାରୀମାନେ ଫୋନ ଉଠାନ୍ତି ନାହିଁ। ଏହି ସମସ୍ୟା ନେଇ ଏସ୍‌ଡିଓଙ୍କୁ ଫୋନ କଲେ, ସେ କଷ୍ଟମର କେୟାରକୁ ଫୋନ କରନ୍ତୁ ବୋଲି ଦାୟିତ୍ୱ ଟାଳୁଥିବା ଅଭିଯୋଗ ହେଉଛି। ରାତିରେ ବିଦ୍ୟୁକ୍ କାଟ ପରେ ଫୋନ କରିବାକୁ ନେଇ ଭୟ ଦେଖାଉଥିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଅନ୍ୟପଟେ, ବିଦ୍ୟୁତ ବିଲ ସମୟରେ ଦେଇ ପାରିନଥିବା ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗକୁ ତୁରନ୍ତ ବିଚ୍ଛିନ୍ନ କରାଯାଉଥିବା ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ସ୍ଥାନରେ ବିଦ୍ୟୁତ ବିଭାଗ ପକ୍ଷରୁ ଜୋର ଜବରଦସ୍ତି ଭାବରେ ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ଅଭିଯୋଗ ମଧ୍ୟ ଉଠିଛି। ସମସ୍ୟାର ସମାଧାନ, ନିୟମିତ ବିଦ୍ୟୁତ ଯୋଗାଣ ଓ ଅଭିଯୋଗ ଶୁଣିବା ପାଇଁ ସଠିକ୍ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ଯଦି ଶୀଘ୍ର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନର ସତର୍କବାଣୀ ଶୁଣାଇଛନ୍ତି ଅମ୍ବାଦଳା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ।

# ଶାଗବାରୀ ଅଞ୍ଚଳରୁ ୧୬୩ ଧାରା ପ୍ରତ୍ୟାହାର ଦାବି କଲା ବିଜେଡି

ରାୟଗଡ଼ା,୧୦।୪(ସମିସ):



ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଶାଗବାରୀ ଅଞ୍ଚଳରେ ପ୍ରଶାସନ ତରଫରୁ ଚଳିତ ମାସ ୩ ତାରିଖରୁ ଲାଗୁ ହୋଇଥିବା ଆଇପିସି ୧୪୪/ ବିଏନଏସ ୧୬୩ ଧାରା ପ୍ରତ୍ୟାହାର ସହ ଗ୍ରାମସଭାର ଅନୁମତି ବିନା ସମସ୍ତ ପ୍ରକଳ୍ପ ବନ୍ଦ କରିବା , ଗିରଫ ଆଦିବାସୀଙ୍କୁ ତୁରନ୍ତ ଛାଡିବା ପାଇଁ ଦାବି କରିଛି ବିଜୁ ଜନତା ଦଳ। ଆଜି ରାୟଗଡାରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ କିଛି ଦିନ ହେଲା କାଶୀପୁରର କଂଟାମାଳ ଅଞ୍ଚଳରେ ଯେଉଁ ପୁଲିସର ଦମନଲୀଳା ଚାଲିଲା, କୌଣସି ପ୍ରକାରେ ପୁଲିସ ପ୍ରଶାସନ ଏହାର ଯଥାର୍ଥତା ପ୍ରମାଣ କରିପାରିବ ନାହିଁ। ସରକାର ଆଦିବାସୀଙ୍କ ଉପରେ ଅତ୍ୟାଚାର ଚଳାଇଛନ୍ତି। ଆଦିବାସୀଙ୍କ ସ୍ୱାର୍ଥ ପାଇଁ ପେସା ଆଇନକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସରକାର ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷା ପାଇଁ ଏହାକୁ ଏଡ଼ାଇ ଚାଲିଛନ୍ତି। ସିଡୁଲ ଏରିଆରେ ଶିଳ୍ପ ଓ ନିର୍ମାଣ କରାଯାଇ ପାରିବ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ମାତ୍ର ସରକାର ଏହାକୁ ସଂପୂର୍ଣ୍ଣ ଭାବେ ଅଣଦେଖା କରି ଆଦିବାସୀଙ୍କ ଉପରେ ଅତ୍ୟାଚାର ଚଳାଇଛନ୍ତି। ସେହିପରି ଆଦିବାସୀଙ୍କ ଉପରେ ଦମନ ଲୀଳା ଚଳାଇଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବନ, ସମଗ୍ର ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ୫ମ ଅନୁସୂଚୀ ଅଞ୍ଚଳରେ ଡ୍ରୋନ ଉଡାଇ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କୁ ଆତଙ୍କିତ ନ କରିବା ବିଜେଡି ଦାବି କରିଛି। ସୁଭଦ୍ରା ସଶକ୍ତିକରଣ କଥା କହୁଥିବା ସରକାର ମା-ଭଉଣୀଙ୍କ ଇଜ୍ଜତ ସହ ଖେଳ ଖେଳିବା ବନ୍ଦ ସହ ନିରୀହ ଆଦିବାସୀ ଓ ସ୍ଥାନୀୟ ଅଧିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଆ ନ ଯାଉ ବୋଲି ବିଜେଡି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାୟଗଡ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା, ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଶ୍ରୀମତି ଅନୁସୂୟା ମାଝିଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

> ଗ୍ରାମସଭାର ଅନୁମତି ବିନା ପ୍ରକଳ୍ପ ବନ୍ଦ ହେଉ
> ଡ୍ରୋନ୍ ଉଡ଼ାଇ ଆଦିବାସୀଙ୍କୁ ଆତଙ୍କିତ କରା ନଯାଉ

# କୁନ୍ଦୁରା ପାଳିଲା ଲୋକକଳା ପାଇଁ ଦିନଟିଏ

କୁନ୍ଦୁରା,୧୦।୪ (ସମିସ) : କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ଲୋକ କଳା ପାଇଁ ଦିନଟିଏ ପାଳିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମନସ୍ମିତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆ,ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ, କୋଟପାଡ଼ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଜିପିଇଓ ଜଗତ ସିଂ ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ବଳିରାମ ଭତ୍ରା, ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଙ୍ଘ ସମ୍ପାଦକ ତ୍ରିନାଥ ସମରଥ,ମହିଳା ସଂଗଠନ ଆବାହକ ଚନ୍ଦ୍ର ସଗରିଆ ଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ। ଆସନ୍ତା ଜିଲ୍ଲା ସ୍ତରୀୟ ୨୦୨୬ ପରବ ମହୋତ୍ସବ କୁନ୍ଦୁରା ଠାରେ ଶୁଭାରମ୍ଭ କରିବା ନେଇ ଜିଲ୍ଲପାଳଙ୍କ ଏକ ଦାବିପତ୍ର ପ୍ରଦାନ କରିଛନ୍ତି କଳାକାର ସଙ୍ଘ। ରାଜା ରାଜୁଡା ସମୟରେ କୁନ୍ଦୁରା ଅଞ୍ଚଳ ଜୟପୁର ରାଜା ବିକ୍ରମଦେବଙ୍କ ଭ୍ରମଣ ସ୍ଥଳୀ ରହିଥିବା ବେଳେ ଏଠାରେ ଅନେକ ପୁରୁଣା ଦେବଦେବୀଙ୍କ ପୀଠ ସ୍ଥଳୀ ରହିଛି। ଏଠାରୁ ପରବ ଶୁଭାରମ୍ଭ ନେଇ ଗତ ଦିନରେ ମଧ୍ୟ ଦାବି କରାଯାଇଥିଲା।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ନାରାୟଣପାଟଣା,୧୦।୪(ସମିସ): ନାରାୟଣପାଟଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ପ୍ରଚେଷ୍ଟାରେ ସରକାରଙ୍କ ତରଫରୁ ଓଡ଼ିଆ ପକ୍ଷ ଦିବସ ପାଳନ ଅବସରରେ ନାରାୟଣପାଟଣା ବ୍ଲକ ପ୍ରଶାସନ ଯୁକ୍ତ ତିନି ସ୍ନାତକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅୟୋଜନ କରିଛି। ଉକ୍ତ କାର୍ଯ୍ୟକ୍ରମରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତଭଣ୍ଡାରକୁ ପଠାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ବିକ୍ରମ କୁମାର ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଯୁକ୍ତ ତିନି ଡିଗ୍ରୀ କଲେଜ ଅଧ୍ୟକ୍ଷ କୁଳଦୀପ ଲାକ୍ରା , ଥାନା ଅଧିକାରୀ ମମତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ବିଡିଓ। ଆୟୋଜିତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଛାତ୍ରଛାତ୍ରୀ, ପୋଲିସ ବାହାନୀ ,ବ୍ଲକ କର୍ମଚାରୀ, ଏମ୍‌ସିସି ୟୁଥ୍ କ୍ଲବ୍ ଯୁବଗୋଷ୍ଠୀ, ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ବାସିନ୍ଦା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା ରକ୍ତଦାତାଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଥିଲେ। ବ୍ଲକ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ଆକାଶ ପାଲ୍ , ଯୁକ୍ତ ତିନି ଡିଗ୍ରୀ କଲେଜର ନୂତନ କୁମାର ସାହୁ ,ଲକ୍ଷ୍ମଣ ଗୈଡ, ଅରୁନ୍ଧତୀ ସ୍ୱାଇଁ, ସରସ୍ୱତୀ ଭୋଲା ,ବାନି ମାଉକା, କାତ୍ରାକା ଧର୍ମା ,ସୁରଥ ଡାକୁଆ, ପ୍ରଦୀପ ପଣ୍ଡା ,ମେଡିକାଲ ତରଫରୁ ଷ୍ଟାଫ୍ ନର୍ସ ସୁକାନ୍ତି ମହାନ୍ତି , ଲୋଡା ଅଜଳୀ କୁମାରୀ ,ମୋନାଲିସା ବେନିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯକ୍ରମକୁ ଅନୀଲ କୁମାର ସୁବୁଦ୍ଧି, ଆକାଶ ପାଲ୍ ,ପିଇଓ ରମେଶ ତୁଳ , ମୋନଜ ଘଣ୍ଟ, ବ୍ଲକର ସମସ୍ତ କର୍ମଚାରୀ ପ୍ରମୁଖ ପରିଚାଳନା କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ରକ୍ତଭଣ୍ଡାରର ସଂଜୟ କୁମାର ସିଂ,କାଙ୍ଗମ ନେତାଜୀ ,ଭି ଗଙ୍ଗାଧର , କୈବଲ୍ୟ କୁମାର ଦାସ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

▶ ଆଦର୍ଶ ପଞ୍ଚାୟତ ହେବ ଯନ୍ତ୍ରୀ

# ସ୍ୱାଭିମାନ ଅଞ୍ଚଳରେ ଜିଲ୍ଲାପାଳଙ୍କ ମାରାଥନ୍ ସମୀକ୍ଷା

ମାଲକାନଗିରି, ୧୦।୪(ସମିସ):



ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗମ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ପ୍ରକ୍ରିୟା ଜୋରଦାର ହୋଇଛି। ଅପହଞ୍ଚ ଇଲାକାର କୋଣ ଅନୁକୋଣରେ ସରକାରୀ ସେବା ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚିତ୍ରକୋଣ୍ଡା ବ୍ଲକର ସୁଦୂର ଯନ୍ତ୍ରୀ ଗ୍ରାମ ପଞ୍ଚାୟତ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ଭୌଗୋଳିକ ପ୍ରତିବନ୍ଧକ ସତ୍ତ୍ୱେ ଜିଲ୍ଲାପାଳ ଓ ତାଙ୍କ ଟିମ୍ ଚିତ୍ରକୋଣ୍ଡା ସ୍ୱିଲୱେ ଲଞ୍ଚ ଘାଟରୁ ମୋଟର ବୋଟ୍ ଯୋଗେ ଜଳପଥ ଦେଇ ଯନ୍ତ୍ରୀ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଅଙ୍ଗନବାଡି ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱାଗତ ନୃତ୍ୟକୁ ଦେଖି ଜିଲ୍ଲାପାଳ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ପ୍ରଶଂସା କରିଥିଲେ। ଯନ୍ତ୍ରୀ ଗ୍ରାମ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ିତୋଳିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ଯେପରି ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଗୁରୁତ୍ୱାରୋପ କରିଛନ୍ତି। ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ମାଣାଧୀନ ଘନବେଡା ସେତୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହି ସେତୁ କାର୍ଯ୍ୟକାରୀ ହେଲେ ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ଚିତ୍ର ବଦଳିଯିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ସ୍ୱାଭିମାନ ଅଞ୍ଚଳର ବିକାଶକୁ ଆମେ ଅଗ୍ରାଧିକାର ଦେଉଛୁ। ଯନ୍ତ୍ରୀ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ିବା ସହ ଶେଷ ହିତାଧିକାରୀଙ୍କ ପାଖରେ ସରକାରୀ ସେବା ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ। ଘନବେଡା ସେତୁ କାର୍ଯ୍ୟ ଶେଷ ହେଲେ ଏହି ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ। ଏହି ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ପିଏ ଆଇଟିଡିଏ ହଳଧର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାଭିମାନ ଅଞ୍ଚଳରେ ବିକାଶର ଏହି ଧାରାକୁ ଜାରି ରଖିବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ଦୋହରାଇଛନ୍ତି।

# 'ଆମ ଗାଁ, ଆମ ବଜେଟ୍' କାର୍ଯ୍ୟକ୍ରମ

ମାଥିଲି,୧୦।୪ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ସଦର ପଞ୍ଚାୟତ ଅନ୍ତର୍ଗତ ଗାଙ୍ଗରାଜଗୁମ୍ମା ଓ ଆମାପଡ଼ା ଗ୍ରାମରେ 'ଆମ ଗାଁ, ଆମ ବଜେଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଲ୍ଲୀ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଗ୍ରାମବାସୀଙ୍କର ଆଗ୍ରହ ଦେଖା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣାଙ୍କ ଉପସ୍ଥିତରେ ଗ୍ରାମର ଉନ୍ନତି ପାଇଁ କିପରି ବଜେଟ ତିଆରି କରାଯାଏ, ତାହା ସ୍ପଷ୍ଟ ହୋଇଥିଲା। ସେ କହିଥିଲେ ଯେ, ଏହି ବଜେଟ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ମତାମତ ଓ ଆବଶ୍ୟକତାକୁ ପ୍ରାଧାନ୍ୟ ଦିଆଯାଏ। ଯାହା ଫଳରେ ଗ୍ରାମ ଉନ୍ନତିରେ ସମସ୍ତଙ୍କ ଅଂଶୀଦାରିତ୍ୱ ନିଶ୍ଚିତ ହୁଏ। ଏହି ପଲ୍ଲୀ ସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗ୍ରାମ ସ୍ତରରେ ବଜେଟ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି। ପାନୀୟଜଳ, ରାସ୍ତା, ଆଲୋକୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ଇତ୍ୟାଦିକୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରସ୍ତାବ ଗ୍ରାମବାସୀ ମାନଙ୍କ ଦ୍ୱାରା ଉଠାଯାଇଥିଲା। ସରକାରଙ୍କ ଏହି ଜନମୁଖୀ ଯୋଜନା 'ଆମ ଗାଁ, ଆମ ବଜେଟ' ମାଧ୍ୟମରେ ଗ୍ରାମର ଆବଶ୍ୟକତାକୁ ସିଧାସଳଖ ଭାବେ ଯୋଜନାରେ ସମ୍ମିଳିତ କରା ଯାଉଥିବାରୁ ଲୋକଙ୍କ ମଧ୍ୟରେ ସଚେତନତା ଓ ଆଗ୍ରହ ବୃଦ୍ଧି ପାଇଛି। ଶ୍ରୀ ମହାରଣା ଗାଁ ଗାଁ ରେ ବୁଲି ଏହି ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରୁଥିବା ଦେଖାଯାଇଛି।

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ମାଥିଲି,୧୦।୪ (ସମିସ): ଲୁକାୟତ ଲୋକକଳାକୁ ଲୋକଲୋଚନକୁ ଆଣିବା ସହିତ ଦେଶ ଓ ବିଦେଶରେ ଓଡ଼ିଶାର ଲୋକକଳାକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ ତାରିଖ ଓଡିଶା ଦିବସ ଠାରୁ ୧୪ ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟରେ ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଓଡିଆ ପକ୍ଷ ପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଦଶମ ଦିବସରେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ମାଲକାନଗିରି ଜିଲ୍ଲା ସଦର ବ୍ଲକ ବିରଲକ୍ଷ୍ମଣ ପୁର ପଞ୍ଚାୟତ ସଦର ଗ୍ରାମର ଆମ୍ବ ତୋଟା ଠାରେ "ଲୋକକଳା ପାଇଁ ଦିନ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ଜଗତାନନ୍ଦ ବଂଜାରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନୀଳକଣ୍ଠ ଝୋଲା, ବରିଷ୍ଠ ନାଟ ଗୁରୁ ତଥା ଜିଲ୍ଲା ଲୋକକଳା ସଂଗଠନର ବରିଷ୍ଠ ଉପଦେଷ୍ଟା ଅନାଦି ଚରଣ କଡା,ସଦର ଗ୍ରାମର ଆଶ୍ରମ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ପତ୍ରି, ପ୍ରଧାନ ଶିକ୍ଷକ ଡି,ଜଗନ୍ନାଥ ରାଓ,ଜିଲ୍ଲା ଲୋକକଳା ସଂସ୍କୃତି ସଭାପତି ଘେନୁ ମୁଦୁଲି, ମାଲ୍ୟାବନ୍ତ ଦେଶିଆ ନାଟଗୁରୁ ଜିଲ୍ଲା ସମ୍ପାଦକ ଧନଫୁଲ ବାରିକ, ମାଥିଲି ବ୍ଲକ ଲୋକକଳା ସଂଗଠନ ସଭପତି ବିଶ୍ୱନାଥ ବାରିକ ଗ୍ରାମରେ ପହଞ୍ଚିବା ପରେ ଜିଲ୍ଲା ଲୋକକଳା ସଂଗଠନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମର ଦ୍ୱାରଦେଶରୁ ଆଦିବାସୀ ମାନଙ୍କ ପାରମ୍ପରିକ ଢେମସା ନୃତ୍ୟ, ଦୁରୁଆ ନୃତ୍ୟ, ନାମ ସଂକୀର୍ତ୍ତନ ସହିତ ଅନ୍ୟାନ୍ୟ ଲୋକକଳା ନୃତ୍ୟ ମାଧ୍ୟମରେ ଅତିଥି ମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ ଲୋକକଳାର ମହିଳା ଓ ପୁରୁଷ କଳାକାର ମାନେ। ବୀର ଲକ୍ଷ୍ମଣ ପୁର ଗ୍ରାମର ଥିବା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ଉପସ୍ଥିତ ମହିଳା ମାନେ ହୁଳହୁଳି ପକାଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀଙ୍କ ପାରମ୍ପରିକ ଢେମସା, କୋୟା ନୃତ୍ୟ, ସାନ୍ତାଳୀ ନୃତ୍ୟ, ଇଡିଜା ନୃତ୍ୟ, ବଣ୍ଡା ନୃତ୍ୟ, ଗୋଡିଙ୍ଗି ନୃତ୍ୟ, ପରଜା ନୃତ୍ୟ,ଦୁରୁଆ ନୃତ୍ୟ,ଜାଗର ନୃତ୍ୟ, ଦାଣ୍ଡା ଓଲିଆ ନୃତ୍ୟ ପରିବେଷଣ କରାଯାଇଥିଲା। ଆଜିର ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଲୋକକଳା ସଙ୍ଗଠନର ଜିଲ୍ଲା ସଂଯୋଜକ ପୁଲିସ ରାମ ମାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଭୀମସେନ ଖୁଡୁପିଆ, ସହ ସମ୍ପାଦକ କମ୍ଲୁ ମୁଦୁଲି, ଜିଲ୍ଲା ଲୋକକଳା ସଂସ୍କୃତି ସଂଗଠନ ଉପସଭାପତି ଘେନୁ ମୁଦୁଲି,ଉପଦେଷ୍ଟା ଦାମୋଦର କଡା, ସମାଜସେବୀ ତଥା ପରାମର୍ଶ ଦାତା ସୋନୁ ଅନୁଗୁ, କଳା ଗ୍ରାମ ସଭାପତି ମୁକୁନ୍ଦ ଝୋଲା, ସମ୍ପାଦକ ତ୍ରିନାଥ କଡା,ସଦସ୍ୟ ରାମଚନ୍ଦ୍ର ହାନ୍ତାଳ, ଅନନ୍ତ ବରଜା, ରାମଚନ୍ଦ୍ର ମାଦିମି, ଧନୁର୍ଜୟ ହାନ୍ତାଳ, ନିର୍ମଳା ଏକା, ଅର୍ଜୁନ ପୁଟିଆ, ପଦଲାମ ଦୁମାଲୀ, ତୁଳସା ଦଳେଇ, ସୁବାଲ ଶ୍ରୀଗାମ, ବୁଦ୍ରୀ ଦଳେଇ, ପଦ୍ମନାଭ ଝୋଲା, ଡମ୍ବୁରୁ ହାନ୍ତାଳ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ବାଲଡ଼ା ଦମକ ଯାତ୍ରା, ବିହନ ପୂଜା ; ଲକ୍ଷାଧିକ ଜନ ସମାଗମ

ନନ୍ଦପୁର,୧୦।୪(ସମିସ): ଚୈତ୍ର ମାସରେ କୋରାପୁଟ ଜିଲ୍ଲାର ନିଆର୍ ପର୍ବ ଆମ୍ବ ନୂଆ ଖଉଣି ଶେଷ ହୋଇ ଆସୁଥିବା ବେଳେ ଏହି ସମୟରେ ବାଲଡ଼ା ଦମକ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବାଲଡ଼ା ଗୁମ୍ମା ଦେବୀ ମା ନାଗେଶ୍ୱରୀଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି ଅଞ୍ଚଳବାସୀ। ମୁଖ୍ୟତଃ ମା ନାଗେଶ୍ୱରୀଙ୍କୁ ବିହନ ପୂଜା କର ଯାଇଥାଏ। ଚାଷର ସୁରକ୍ଷା ଓ ଅଧିକ ଅମଳ ପାଇଁ ଚାଷୀ ଭାଇ ମାନେ ବିହନ ପୂଜା କରିଥାନ୍ତି । ଜୀବଜନ୍ତୁଙ୍କ ଦାଉରୁ ସୁରକ୍ଷା ପାଇଁ ମା'ଙ୍କ ନିକଟରେ ପୂଜା କରିଥାନ୍ତି ଅଞ୍ଚଳ ବାସୀ । ପ୍ରତି ବର୍ଷ ଏହି ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟତଃ ଯୁବକ ଯୁବତୀଙ୍କୁ ଅଧିକ ଆକୃଷ୍ଟ କରିଥାଏ ପାହାଡ଼ ଦୃଶ୍ୟ। ତେବେ ଚଳିତ ବର୍ଷ ପାହାଡ଼ ଘେରାରେ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ । ଆସ୍ଥା ବିଶ୍ୱାସରେ ଜଳ, ଜମି, ଜଙ୍ଗଲ ଓ ପାହାଡ଼ ସୁରକ୍ଷା ନେଇ ଆଜି ମଧ୍ୟ ଅଞ୍ଚଳ ବାସୀ ପାହାଡ଼ ଦେବୀଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି। ସେପଟେ କୋରାପୁଟ ଜିଲ୍ଲା ପ୍ରତିଟି ଅଞ୍ଚଳର ଯୁବକ ଯୁବତୀଙ୍କ ଭିଡ଼ ପାହାଡ଼ ଉପରେ ଦେଖିବା ମିଳିଛି। ପାହାଡ଼ ଉପର ଭାଗର ଜଳାଶୟ ଦୃଶ୍ୟ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରିଆସୁଛି। ଏହି ଯାତ୍ରାରେ ସ୍ଥାନୀୟ ଲୋକଙ୍କ ସହ ଜିଲ୍ଲା ବାହାର ଯୁବ ଗୋଷ୍ଠୀଙ୍କ ଭିଡ଼ ଦେଖିବାକୁ ମିଳିଛି । ପାହାଡ଼ ପାରିପାର୍ଶିକ ଗ୍ରାମବାସୀଙ୍କ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିବା ବେଳେ ଭିଡ଼କୁ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ନେଇ ପାଡୁଆ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ପାହାଡ଼ ଯାତ୍ରା ଯୁବ ଗୋଷ୍ଠୀଙ୍କ ଯାତ୍ରା ବୋଲି କୁହୁଥିବା ବେଳେ ଆଜି ଦିନରେ ଯୁବ ଗୋଷ୍ଠୀ ପାଇଁ ପ୍ରେମର ଦିବସ ବୋଲି ମଧ୍ୟ କହିଥାନ୍ତି ।



ଏମ୍‌ଭି ୨୬ ହିଂସାକାଣ୍ଡ ଘଟଣା

# ଉଚିତ କ୍ଷତିପୂରଣ ମିଳୁନି, ଲୋକେ ପ୍ରଶାସନର ଦ୍ୱାରସ୍ଥ

ମାଲକାନଗିରି, ୧୦।୪(ସମିସ):



ମାଲକାନଗିରି ଜିଲ୍ଲା ଏମଭି ୨୬ ଗ୍ରାମେ ଗତ ଡିସେମ୍ବର ମାସରେ ହୋଇଥିବା ହିଂସାକାଣ୍ଡରେ ୨୨୬ଟି ପରିବାରକୁ ସେମାନଙ୍କ ଘରୋଇ ସାମଗ୍ରୀ ନଷ୍ଟ ବାବଦକୁ ସମୁଦାୟ ୩ କୋଟି ୩୪ ଲକ୍ଷ ୮୬ ହଜାର ୭୫୦ ଟଙ୍କା ପ୍ରଶାସନ ପକ୍ଷରୁ ଦିଆଯାଇଥିଲା। ସେହିପରି ଗ୍ରାମର ୨୪୦ ପରିବାରଙ୍କ ନଷ୍ଟ ହୋଇଥିବା ଦୋକାନ ଓ ପକ୍କା ଘର ବାବଦକୁ ସମୁଦାୟ ୧ କୋଟି ୧୦ ଲକ୍ଷ ୫୯ ହଜାର ୬୨୩ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। ଗତ ଏପ୍ରିଲ ୪ ତାରିଖରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଏହି ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ହୋଇଥିବା ବେଳେ ମୃତ ଲାକେ ପଡ଼ିଆମୀଙ୍କ ପରିବାରଙ୍କୁ ମଧ୍ୟ ୨୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ହିଂସାକାଣ୍ଡରେ ପ୍ରଭାବିତ ପରିବାରଗୁଡ଼ିକର ଜୀବନଧାରଣକୁ ପୁଣି ସ୍ୱାଭାବିକ କରିବା ପାଇଁ ସହାୟତା ରାଶି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଥିବା ବେଳେ ଏହି ସହାୟତା ରାଶି ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ଅନେକ ଲୋକଙ୍କ ଘର ଓ ଦୋକାନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସେମାନଙ୍କୁ ଯଥାଚିତ ସହାୟତା ରାଶି ମିଳିନାହିଁ। ଅନ୍ୟ ପକ୍ଷରେ ଖୁବ କମ କ୍ଷତି ହୋଇଥିବା କିଛି ପରିବାରକୁ ବିପୁଳ ମାତ୍ରାରେ ସହାୟତା ରାଶି ପ୍ରଦାନ କରାଯାଇଛି। ଏପରିକି କିଛି ପରିବାର ଅନେକ ଗାଡି ଭାଙ୍ଗି ଓ ଜଳି ଯାଇ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହୋଇଥିବା ସହ କିଛି ଦୋକାନରେ ମଧ୍ୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ କରାଯାଇଥିଲେ ମଧ୍ୟ ସେହି ପରିବାର ମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇନାହିଁ। କିଛି ବ୍ୟକ୍ତିଙ୍କ ନାମ ସହାୟତା ରାଶି ପ୍ରଦାନ ତାଲିକାରେ ନଥିବା ଅଭିଯୋଗ ହୋଇଛି। ଏହି ହିଂସାକାଣ୍ଡରେ ଲୋକେ ଅନେକ କିଛି ହରାଇଥିବା ବେଳେ ସରକାରୀ ସହାୟତା ହିଁ ସେମାନଙ୍କ ଏକମାତ୍ର ଆଶା ଥିଲା। ଉପଯୁକ୍ତ ସହାୟତା ରାଶି ମିଳିଲେ ଭଙ୍ଗା ଦଦରା ଘରକୁ ମରାମତି କରିବେ ଓ ପରିବାର ପ୍ରତିପୋଷଣ ପାଇଁ କିଛି ବ୍ୟବସାୟ କରିବେ ବୋଲି ଲୋକେ ଆଶା ବାନ୍ଧି ବସିଥିବା ବେଳେ ବର୍ତ୍ତମାନ ଏହି ଆଶା ଅଧାରେ ରହି ଯାଇଥିବା ଲୋକେ ପ୍ରକାଶ କରିଛନ୍ତି। ଏନେଇ ଆଜି ଗ୍ରାମର ଅନେକ ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଦାବି ଜଣାଇଥିବା ବେଳେ ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ସର୍ଭେ ତଥ୍ୟ ଅନୁଯାୟୀ କ୍ଷତିପୂରଣ ଦିଆଯାଇଥିଲା। ବର୍ତ୍ତମାନ ଆସିଥିବା ଅଭିଯୋଗକୁ ଆଧାର କରି ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବେ ଓ ପୁନଃ ସର୍ଭେ କରିବା ପରେ ସମସ୍ତ ତଥ୍ୟକୁ ନେଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଖଇରପୁଟ,୧୦।୪(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅଧୀନ ମାଡ଼କାପଦର ପଞ୍ଚାୟତର ଦିଶାରିଗୁଡା ପ୍ରାଥମିକ ବିଦ୍ୟାଳୟରେ ଆଜି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଘାଟି ଅଞ୍ଚଳର ଏହି ବିଦ୍ୟାଳୟରେ ଏମିତି ଏକ କାର୍ଯ୍ୟକ୍ରମ ହେବା ଫଳରେ ସମଗ୍ର ଅଞ୍ଚଳରେ ଆନନ୍ଦର ଲହରୀ ସୃଷ୍ଟି ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ତାଙ୍କ ସହିତ ଖଇରପୁଟ ବ୍ଲକ ଶିକ୍ଷାଧିକାରୀ ଦିଲିପ କୁମାର ଗଣ୍ଡ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିରେନ୍ଦ୍ର ପ୍ରଧାନ, ମାଡ଼କାପଦର ସିଆରସିସି ସୁଶାନ୍ତ କୁମାର ବେହେରା, ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି ଓ ମାଡ଼କା ପଦର ସରପଞ୍ଚ ଡମ୍ବରୁ ସୀସା ସହ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କାଙ୍କ ପ୍ରୟାସ ଫଳରେ ବିଦ୍ୟାଳୟର ପରିବେଶ ଏବେ ଅତ୍ୟନ୍ତ ଆକର୍ଷଣୀୟ ଓ ଶିକ୍ଷାନୁକୂଳ ହୋଇଉଠିଛି। ଟିଏଲଏମ କକ୍ଷକୁ ଦେଖି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଲେଙ୍କାଙ୍କୁ ବିଶେଷ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଖେଳ ପଡିଆ ଓ ପାଚେରୀ ନିର୍ମାଣ ପାଇଁ ପ୍ରଧାନ ଶିକ୍ଷକ ଦାବି କରିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଏହାକୁ ଗୁରୁତର ସହ ନେଇ ଅତି ଶୀଘ୍ର ଏହାର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟଳୟର ଆକର୍ଷଣୀୟ ପରିବେଶ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କା।



# ଜାତୀୟ ରାଜପଥ ସମ୍ପ୍ରସାରଣ କାମ ବନ୍ଦ, ଲୋକେ ହନ୍ତସନ୍ତ



ସେମିଳିଗୁଡ଼ା,୧୦।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଏକ ଉନ୍ନତିମୂଳକ ସହର। ସହର ର ଟ୍ରାଫିକ ସମସ୍ୟା ସମାଧାନ କରିବା ଲକ୍ଷ୍ୟରେ ସେମିଳିଗୁଡା ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଆରମ୍ଭ ହେଇଥିଲା । ତେବେ ବହୁ ଦିନ ହେଲା ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ରହିଛି। ରାସ୍ତା କାମ ପାଇଁ ଖୋଳାଯାଇଥିବା ମାଟି ଗୁଡ଼ିକ ଦୋକାନ ଗୁଡିକ ସମ୍ମୁଖରେ ପାହାଡ଼ ଭଳି ପଡ଼ି ରହିଛି। ତେଣୁ ବ୍ୟବସାୟୀମାନେ ଦୋକାନ ଖୋଲି ପାରୁନାହାନ୍ତି । ଯଦି ବା ଦୋକାନ ଖୋଲୁଛନ୍ତି, ଗ୍ରାହକ ଯିବା ପାଇଁ ରାସ୍ତା ମିଳୁନି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଓ ଜାତୀୟରାଜପଥ ବିଭାଗ ଚୁପ୍ ବସି ରହିଛନ୍ତି। ବର୍ଷା ହେବା ପରେ ସେମିଳିଗୁଡ଼ା ସହରର ରାସ୍ତା ପାଶ୍ୱର୍ରେ ପଡ଼ିଥିବା ମାଟିରେ କାଦୁଅ ସୃଷ୍ଟି ହୋଇଛି। ସୃଷ୍ଟି ହୋଇଥିବା ଗର୍ତ୍ତରେ ପାଣି ଜମୁଥିବାରୁ ଯାତାୟାତ ସମୟରେ ଲୋକେ ହଇରାଣ ହେଉଛନ୍ତି। ଯଦି ତୁରନ୍ତ କାମ ଆରମ୍ଭ କରାନଯାଏ, ତେବେ ୨୬ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ପୂର୍ବତନ ବିଧାୟକ ରଘୁରାମ ପଡାଲ ଚେତାବନୀ ଦେଇଛନ୍ତି। ସମ୍ପ୍ରସାରଣର ସଠିକ କାର୍ଯ୍ୟଶୈଳୀ, ଠିକାଦାରଙ୍କ ମନଇଚ୍ଛା କାର୍ଯକୁ ତୀବ୍ର ବିରୋଧ କରିବା ସହ ତୁରନ୍ତ ଅନ୍ୟ ଠିକାଦାରଙ୍କୁ ପରିବର୍ତ୍ତନ କରିବା ପାଇଁ ସେ ଦାବି କରିଛନ୍ତି। ଗତ ତିନି ବର୍ଷରୁ କାମ ସରିନଥିବା ବେଳେ ରାସ୍ତା କାମ ପାଇଁ ଖୋଳାଯାଇଥିବା ମାଟି ଗୁଡ଼ିକ, ବିପଜ୍ଜନକ ଅବସ୍ଥାରେ ଖାଲଖମା ସୃଷ୍ଟି ଯୋଗୁଁ ସହରରେ ଦୁର୍ଘଟଣା ବୃଦ୍ଧି ପାଇଛି ବୋଲି ରଘୁରାମ ଦୁଃଖ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି ସହରରେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଇ ଦାମନଯୋଡି ଚୌକ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବୁଲ ରୋଡ ନିର୍ମାଣ କରି ଡିଭାଇଡର ଦେଇ ରାସ୍ତା ଉନ୍ନତି କରିବା ପାଇଁ ୫ କୋଟି ଟଙ୍କା ୨୦୨୩ରେ ମଞ୍ଜୁରୀ ହେଇଛି। ସେହି ସମୟର ବିଧାୟକ ରଘୁରାମ ପଡ଼ାଳ କାର୍ଯ ପାଇଁ ଶୁଭ ଦେଇଥିଲେ। ସେଥିପାଇଁ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଥିବା ଗଛ ହଟାଗଲା। ସେହିପରି ସୁନାବେଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନୂଆ ପାଣି ପାଇପ ସଂଯୋଗ, ଡ୍ରେନ ନିର୍ମାଣ କାମ ଆରମ୍ଭ କରିଥିଲେ।କିନ୍ତୁ ପାଣି ପାଇପ ସଂଯୋଗ, ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଲି ଦେଇଛି। କିନ୍ତୁ ମାସ ମାସ ଧରି କାମ ଶେଷ ହେଇନଥିବାରୁ ଲୋକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଫଳରେ ଦୋକାନକୁ ଯିବା ପାଇଁ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିପଜ୍ଜନକ ଅବସ୍ଥାରେ ଖାଲଖମା ଅତିକ୍ରମ କରିବା ପାଇଁ ପଡୁଛି।ଡ୍ରେନ ନିର୍ମାଣ କାମ ଶେଷ ନ କରିବା ଦ୍ୱାରା ଲୋକ ଅସୁବିଧା ରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନଥିବା ଲୋକ ଅଭିଯୋଗ କରିଛନ୍ତି। ଏହି କାମକୁ ନେଇ କୋରାପୁଟ ବିଧାୟକ ରଘୁରାମ ମାଛ ବିଧାନସଭାରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତାପରେ ପୁଣି କାମ ପାଇ ଜଏଣ୍ଟ ସର୍ଭେ କରିଥିଲେ। କାମ ପୁର୍ନବାର ଆରମ୍ଭ କରିବା ପାଇଁ କୋରାପୁଟ ଓ ପଟାଙ୍ଗୀ ବିଧାୟକ ଶୁଭ ଦେଇଥିବା ବେଳେ ଆଉ କିଛି କାମ ଆଗେଇ ଚାଲି ପୁଣି କିଛି ମାସ ଧରି ଠିକାଦାରଙ୍କୁ ବିଲ ନ ମିଳିବା ଯୋଗୁଁ କାମ ବନ୍ଦ କରି ଦେଇଥିବା ଶୁଣିବାକୁ ମିଳିଛି। ଯଦି ସମ୍ପ୍ରସାରଣର ସଠିକ କାର୍ଯ୍ୟଶୈଳୀ, ଟେଣ୍ଡର ପ୍ରକ୍ରିୟା ଠିକ୍ ନଥିଲା, ତେବେ କାମ ଆରମ୍ଭ କରାଗଲା କାହିଁକି ବୋଲି ବ୍ୟବସାୟୀ ତଥା ସହରବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ କାମ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୧୦।୪(ସମିସ): ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ଦୁଷ୍କର୍ମ ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଡମ୍ବୁ ସିଂ ଭତରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ପାପଡାହାଣ୍ଡି ଥାନା ଅନ୍ତର୍ଗତ ଛତ୍ରବର ଗ୍ରାମର ପୀଡିତା ଗତ ୨୦୨୫ ଜୁନ୍ ୨୮ ତାରିଖ ଦିନ ପାପଡାହାଣ୍ଡି ଥାନାରେ କେସ ନମ୍ବର ୧୩୭/୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରି ତାଙ୍କ ଗ୍ରାମର ସୁରେନ୍ଦ୍ର ଭତରା ଓରଫ ଡମ୍ବୁ ବିଭିନ୍ନ ପ୍ରଲୋଭନ ଦେଖାଇ ପୀଡିତା ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲା ।ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁରେନ୍ଦ୍ର ଭତରା ଓରଫ ଡମ୍ବୁ କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୯ ଓ ୩୫୧(୩) ପ୍ରକାରେ ମାମଲା ରୁଜୁ କରିଥିଲେ। ଯାହାର କୋର୍ଟ କେସ ନମ୍ବର ଥିଲା ସିଟି-୪୩/୨୫। ସମସ୍ତ ୧୪ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଅଭିଯୁକ୍ତ ସୁରେନ୍ଦ୍ର ଭତରା ଓରଫ ଡମ୍ବୁକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବି ନରସିଂହ ନାଥ ତ୍ରିପାଠୀ ଓ ସହଯୋଗୀ ପ୍ରଫୁଲ୍ଲ ସିଂ, ଶେକ ବାବା ଅଲିଶା ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ୪୨ ୟୁନିଟ୍ ରକ୍ତ ସଂଗ୍ରହ



ସୁନାବେଡ଼ା, ୧୦।୪ (ସମିସ);

ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉପଲକ୍ଷେ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦଙ୍କ ଉପସ୍ଥିତିରେ ଏଇଏସର କୋଷାଧ୍ୟକ୍ଷ ଅନୁଜ କୁମାର ସିଂଚୌହାନ ନାଲି ରିବନ କାଟି ଶିବିରକୁ ଉଦ୍‌ଘାଟନ କରି ପ୍ରଥମେ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ସଂପାଦକ ବିଶେଶ୍ୱର ସେନାପତି, ସାମ୍ବାଦିକ ମନୋଜ ପଟ୍ଟନାୟକ ପ୍ରମୁଖ ରକ୍ତଦେଇ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ସଞ୍ଜୟ ପୁରୋହିତ, ୱାଇଆରସିର ଜିଲ୍ଲା ସମ୍ପାଦକ ଡ.ନରେଶ ଚନ୍ଦ୍ର ସାହୁ, ମହାବିଦ୍ୟାଳୟର ଏନଏସଏସର ସମ୍ପାଦକ ଡ. ସସ୍ମିତା ମହାପାତ୍ର, ଡ. ସ୍ମୃତି ରଞ୍ଜନ ରାଉତ, ୱାଇ ଆର ସିର ପରାମର୍ଶଦାତା ଡ. ଶାନ୍ତନୁ ନାୟକ, ସହଯୋଗୀ ପରାମର୍ଶଦାତ୍ରୀ ଚିନ୍ମୟୀ ପଣ୍ଡା,ବରିଷ୍ଠ ପ୍ରାଧାପିକା ହିରଣ୍ମୟୀ ତ୍ରିପାଠୀ, ଡ.ସଞ୍ଜୟ ଲେଙ୍କା ପ୍ରମୁଖ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ଏହି ରକ୍ତଦାନ କାର୍ଯ୍ୟକୁ ସଫଳ କରାଇଛନ୍ତି। ଶିବିରରୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ରକ୍ତ ଭଣ୍ଡାର ୪୨ ୟୁନିଟ ରକ୍ତ ସଂଗ୍ରହ କରିଛି। ଏଥିରେ ମହାବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଗଳିତ ମୃତଦେହ ଉଦ୍ଧାର

କାକିରିଗୁମ୍ମା,୧୦।୪(ସମିସ): କାକିରିଗୁମ୍ମା ଥାନା ଅନ୍ତର୍ଗତ କୁଡ଼ିପଦର ରେଳ ଓଭର ବ୍ରିଜ ନିକଟରୁ ଜଣେ ପୁରୁଷର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ଜଣା ପଡ଼ିନଥିବା ବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ପାରି ନାହିଁ। ଯଦି କାହାର ସମ୍ପର୍କୀୟ ନିଖୋଜ ଥାଆନ୍ତି, ତା'ହେଲେ କାକିରିଗୁମ୍ମା ପୁଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ହତ୍ୟା ଉଦ୍ୟମକାରୀକୁ ୭ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୧୦।୪(ସମିସ): ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ଘଟଣାର ବିଚାରଣା କରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଣ୍ଟୁକ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି ।ଜରିମାନା ଅନାଦେୟରେ ୫ ମାସର ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ , କୋଷାଗୁମୁଡା ଥାନା ଅନ୍ତର୍ଗତ ନେଇଗାଁ ଗ୍ରାମର ପୀଡିତାର ଭାଇ ସାହିଲ ସିଲ ଗଣ୍ଡା ଗତ ୨୦୨୫ ଜାନୁୟାରୀ ୬ ତାରିଖ ଦିନ କୋଷାଗୁମୁଡା ଥାନାରେ କେସ ନମ୍ବର ୨/୨୫ରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ସକାଳ ପ୍ରାୟ ୫.୩୦ରେ ତାଙ୍କ ଦୁଇ ଭଉଣୀ ଶ୍ରଦ୍ଧା ସିମରନ ଗଣ୍ଡା ଓ ସସ୍ମିତା ରାଣୀ ଗଣ୍ଡା ଏକ ମୋଟର ସାଇକେଲ ଯୋଗେ କୋଷାଗୁମୁଡା ଯାଉଥିବା ବେଳେ ମାଙ୍କିଡି ଗ୍ରାମ ପାଖରେ ୨-୩ ଜଣ ବ୍ୟକ୍ତି ବାଟରେ ଅଟକାଇ ହଠାତ କିଛି ଧାରୁଆ ଅସ୍ତ୍ର ଧରି ତାଙ୍କ ଦୁଇ ଭଉଣୀଙ୍କ ମୁଣ୍ଡ, ବେକ, କାନ ଓ ହାତରେ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗଭୀର ଭାବରେ ଆହତ ହୋଇଥିଲେ। ଆକ୍ରମଣ କରିବା ପରେ ଅଭିଯୁକ୍ତ ମାନେ ଜାଗା ଛାଡି ଫେରାର ହୋଇ ଯାଇଥିଲେ। ଦୁଇ ପୀଡିତା ନିକଟସ୍ଥ ମାଙ୍କିଡି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହାୟତାରେ ଏତଲାକାରୀଙ୍କୁ ଫୋନ ଯୋଗେ ସୂଚନା ଦେବା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କୋଷାଗୁମୁଡା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଜିଲ୍ଲାର ଜୟପୁରକୁ ଅଧିକ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଣ୍ଟୁ ବୋଲି ଜାଣିବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ସମସ୍ତ ୨୧ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଣ୍ଟୁକୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡିତାଙ୍କ ପକ୍ଷରୁ ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁନନ୍ଦା ପ୍ରଧାନ ପରିଚାଳନା କରୁଥିଲେ। ତ୍ୱରିତ ନ୍ୟାୟ ପାଇଥିବା ଯୋଗୁଁ ପୀଡିତା ଓ ତାଙ୍କ ପରିବାର ନ୍ୟାୟପ୍ରକ୍ରିୟା ଉପରେ ସନ୍ତୋଷ ପ୍ରକଟ କରିଛନ୍ତି।

## ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସମ୍ମାନ

ବୋରିଗୁମ୍ମା,୧୦।୪(ସମିସ): ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୋରିଗୁମ୍ମାକୁ କାୟକଳ୍ପ ସମ୍ମାନରେ ଜିଲ୍ଲାପାଳଙ୍କ ଜରିଆରେ ସମ୍ମାନିତ କରାଯାଇଛି। ଆଜି କୋରାପୁଟ ସ୍ଥିତ ସଦ୍‌ଭାବନା ଗୃହରେ ଏହି ମାନପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉ କି ଗତ ୧୪ ଜାନୁଆରୀ ୨୦୨୬ ରେ ସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଉଚ୍ଚ ସ୍ତରୀୟ ଟିମ୍ (କାୟାକଳ୍ପ) ପହଞ୍ଚି ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପରିବେଶ ସ୍ୱଚ୍ଛତାକୁ ଏହି ଟିମ୍ ପରଖିଥିଲେ। ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ଯକ୍ଷ୍ମା, ସ୍ତ୍ରୀ ପ୍ରସୂତି ବିଭାଗ, ବର୍ଯ୍ୟବସ୍ତୁ ପରିଚାଳନା ଭଳି ଅନେକ ବିଭାଗ ବୁଲି ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅକ୍ଷୟ କୁମାର କୁଣ୍ଡୁ ଏବଂ ବିପିଏମ୍ ସସ୍ମିତା ତ୍ରିପାଠୀ ଏହି ମାନପତ୍ର ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିଲେ। ଏହାର ଶ୍ରେୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଦିଆଯାଉଛି ବୋଲି ମତ ପ୍ରକାଶ ରଖିଛନ୍ତି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ।

## ଗୋଟିଏ କକ୍ଷରେ ୫ ଶ୍ରେଣୀର ପିଲାଙ୍କ ପାଠପଢ଼ା



ବୈପାରୀଗୁଡ଼ା,୯।୪(ସମିସ): ଶିକ୍ଷାଦାନରେ ବାଧକ ସାଜିଛି କାଳ ବୌଶାଖୀ, ଦୁଇଟି କୋଠାକୁ ନେଇ ଚାଲିଥିଲା ବିଦ୍ୟାଳୟ । କିନ୍ତୁ କାଳ ବୌଶାଖୀ ଯୋଗୁଁ ଉଡିଲା ସ୍କୁଲ ଘରର ଟିଣ ଛାତ । ଏବେ କେବଳ ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ବିଦ୍ୟାଳୟ। ଏଭଳି ଚିତ୍ର ବୈପାରୀଗୁଡା ବ୍ଲକ ମାଠପୋଡ଼ା ପଞ୍ଚାୟତର ମସିହାଗୁଡା ପ୍ରାଥମିକ ବିଦ୍ୟାଳୟ ଠାରେ ଦେଖିବାକୁ ମିଳିଛି। ୧୯୮୦ ମସିହାରେ ସ୍ଥାପନ କରାଯାଇଥିବା ସର୍ବ ପୁରାତନ ମସିହାଗୁଡା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଥିବା ବେଳେ ଶ୍ରେଣୀକୋଠାରୀ ଅଭାବ ରହିଛି। ବିଦ୍ୟାଳୟ ରେ ମୋଟ ୪୨ ପିଲା ପଢୁଛନ୍ତି। ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବା ପାଇଁ ୩ ଜଣ ଶିକ୍ଷକ ଅଛନ୍ତି । କିନ୍ତୁ ଶ୍ରେଣୀ ଗୃହ ଅଭାବ ଯୋଗୁଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଗୋଟିଏ ଶ୍ରେଣୀଗୃହରେ ୩ଟି ଶ୍ରେଣୀ ପିଲା ଉତ୍ତର ଦିଗକୁ ମୁହଁ କରି ବସୁଥିବା ବେଳେ ବଳକା ଛାତ୍ରୀଛାତ୍ର ଦକ୍ଷିଣ ଦିଗକୁ ମୁହଁ କରି ପାଠ ପଢୁଛନ୍ତି । ସେହି ରୁମରେ ପିଲାଙ୍କ ପାଠ ପଢା, ଅଫିସ କାର୍ଯ୍ୟ, ଆଉ ମଧ୍ୟାହ୍ନଭୋଜନ ଚାଉଳ, ଖେଳ ସାମଗ୍ରୀ, ବିଦ୍ୟାଳୟର ଆଲମାରୀ ସବୁକିଛି ରଖାଯାଇଛି। ଏଥିଲାଗି ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି। ଏଠାରେ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ଛାତ୍ରଛାତ୍ରୀଙ୍କ ଲାଗି ଶ୍ରେଣୀଗୃହ ଅଭାବ ରହିଛି। ଗତ ଦୁଇ ଦିନ ପୂର୍ବେ କାଳ ବୌଶାଖୀ ଯୋଗୁଁ ଗୋଟିଏ ଟିଣ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଆଉ ଏକ କୋଠା ବର୍ଷେ ହେବ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି । ସ୍ଥାନୀୟ ପ୍ରଧାନ ଶିକ୍ଷକଙ୍କ କହିବା ଅନୁଯାୟୀ,

### ଶିକ୍ଷାଦାନରେ ବାଧକ କାଳବୌଶାଖୀ

ଗୋଟିଏ ଶ୍ରେଣୀ ଗୃହରେ ୩ ଜଣ ଶିକ୍ଷକଙ୍କୁ ଅସୁବିଧା ସମୁଖୀନ ହେବାକୁ ପଡୁଛି । ଅଭିଭାବକ ମହଲରେ ଅତି ଶୀଘ୍ର ଅର୍ଦ୍ଧ ନିର୍ମିତ ଘର ସମ୍ପୂର୍ଣ୍ଣ କରବା ଏବଂ ଟିଣ ଘର ମରାମତି ପାଇଁ ଦାବି ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଗଙ୍ଗାଧର ମହିହା କହିଛନ୍ତି ଯେ, ଦୁଇଟି କୋଠାରେ ବିଦ୍ୟାଳୟ ଚାଲିଥିଲା। କାଳବୈଶାଖୀ ଯୋଗୁଁ ଟିଣ ଘର ନଷ୍ଟ ହୋଇଯାଇଛି। ଅର୍ଦ୍ଧ ନିର୍ମିତ ଘରର ଅତିଶୀଘ୍ର ନିର୍ମାଣ ଶେଷ ହେବା ସହ ଟିଣ ଘର ମରାମତି ହେବ। ଅଳ୍ପ ଦିନ ମଧ୍ୟରେ ଏଠାରେ ଶ୍ରେଣୀ ଗୃହ ଅଭବ ସମାଧାନ ହେବ।

## ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋରୁକୋଣ୍ଡା,୧୦।୪(ସମିସ): ମାଲକାନଗିରି ଜିଲ୍ଲା ଆପନମାଳା ଉଚ ପ୍ରାଥମିକ ବିଦ୍ୟାଳୟରେ ଆଜି ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଅଧିକାରୀ ଗାୟତ୍ରୀ ଦେବୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ମୁଖ୍ୟ ବକ୍ତା ରୂପେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ କୋରୁକୋଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି ଶ୍ରୀନିବାସ ପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କଣ୍ଡେଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ଶିଶା ପ୍ରମୁଖ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଶେଷଦେବ ପ୍ରଧାନ।ଏହି ଅବସରରେ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଲି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର ଉତ୍ତମ ପ୍ରଦର୍ଶନକାରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ନିତାଇ ରାୟ, ସହକାରୀ ଶିକ୍ଷୟତ୍ରୀ ରଶ୍ମିତା ଜାଲି, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ସୌଦାମିନୀ ମହାରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦାୟିତ୍ୱ ଗ୍ରହଣ



ଜୟପୁର,୧୦।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ପ୍ରଫେସର ଡ. ହୃଷିକେଶ ସେନାପତି ଦାୟୀତ୍ୱ ଗ୍ରହଣ କରିଛନ୍ତି। ଆଜି ପୂର୍ବାହ୍ନରେ ଡ. ସେନାପତି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନରେ ପହଞ୍ଚି ପୂର୍ବତନ ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହିପରି ପୂର୍ବତନ କୁଳପତି ପ୍ରଫେସର ମିଶ୍ର ନୂତନ କୁଳପତି ଡ. ସେନାପତିଙ୍କୁ କାର୍ଯ୍ୟଭାର ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନ, ପି.ଜି କାଉନସିର ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ପାତ୍ର , ଡ. ଲକ୍ଷ୍ମଣ ପାତ୍ର ଏବଂ ଅନ୍ୟାନ୍ୟ ସହାକାରୀ ପ୍ରଫେସର, କର୍ମଚାରୀ ମାନେ ଉପସ୍ଥିତ ଥିଲେ। କୁଳପତି ଡ. ସେନାପତି ନିଜ କାର୍ଯ୍ୟାଳୟ କକ୍ଷରେ ବସି କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବତନ ଭାରପ୍ରାପ୍ତ କୁଳପତି ପ୍ରଫେସର ମିଶ୍ରଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ମାଧ୍ୟମରେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ରେଜିଷ୍ଟ୍ରାର ଶ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗତ ୨୦୨୩ ମସିହାରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅପଗ୍ରେଡ କରାଯାଇ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଥିଲା। ପ୍ରଥମେ କୁଳପତି ଭାବେ ପ୍ରଫେସର ମିଶ୍ର ଦାୟୀତ୍ୱ ଗ୍ରହଣ କରିବା ସହିତ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ଏହିପରି ବିଶ୍ୱବିଦ୍ୟାଳୟର ସ୍ଥାୟୀ ଭବନ ନିର୍ମାଣ ପାଇଁ ରଣ୍ଡାପାଲ୍ଲି ଠାରେ ୪୦ ଏକର ଜମି ସରକାରଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ପ୍ରଦାନରେ ତାଙ୍କର ଅବଦାନ ରହିଥିବା ସହିତ ଅନ୍ୟାନ୍ୟ ସମସ୍ୟା ଗୁଡିକ ସଫଳତାର ଭାବେ ସମାଧାନ କରିଥିବା ନେଇ ସଭାପରେ ଉପସ୍ଥିତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ସହକାରୀ ପ୍ରଫେସର ମାନେ ନିଜ ବକ୍ତବ୍ୟରେ କହିଥିଲେ।

## ନ୍ୟାୟ ପାଇଁ କୋଲାବ ବିସ୍ଥାପିତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୦।୪(ସମିସ): ଉପର କୋଲାବ ଜଳ ଭଣ୍ଡାର ପାଇଁ ୪୦ ବର୍ଷ ପୂର୍ବରୁ ଭିଟାମାଟି ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଗ୍ରାମବାସୀ ନ୍ୟାୟ ପାଇବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ଅନ୍ତର୍ଗତ ପରଜାପଣ୍ଡି ଗ୍ରାମର ଲୋକେ ଉପର କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ ସରକାରଙ୍କ ନିର୍ଦ୍ଦେଶରେ ୪୦ ବର୍ଷ ପୂର୍ବରୁ ଭିଟା ମାଟି ଛାଡ଼ି ଥିଲେ। ବିସ୍ଥାପିତ ପ୍ରତି ପରିବାରକୁ ସରକାର ୬ ଏକର ଜମି ଦେଇ ଥଇଥାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ତତ୍କାଳୀନ ସରକାର ବିସ୍ଥାପିତ ମାନଙ୍କୁ କୋଟପାଡ଼ ବ୍ଲକ୍ ବଡାସୋନା ପଞ୍ଚାୟତର କଲୋନୀ ନଂ ଏ, ବି -୧୪,୫,୬ ରେ ଥଇଥାନ କରିଲେ । କିନ୍ତୁ ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ୬ ଏକର ଜମି ନଦେଇ ମାତ୍ର ୨ ଏକର ହସ୍ତାନ୍ତର କରିଥିଲେ। ହେଲେ ଏତେ କମ୍ ଜମିରେ ପରିବାର ଭରଣ ପୋଷଣ ପାଇଁ ଅସୁବିଧା ହେବାରୁ ସେମାନେ ସରକାର ଦେଇଥିବା ଜମି ସମ୍ମୁଖର ସରକାରୀ ଜମିରେ ଚାଷ କରୁଛନ୍ତି। କିନ୍ତୁ ସ୍ଥାନୀୟ କିଛି ଲୋକ ଏହାକୁ ବିରୋଧ କରି ଚାଷ ବନ୍ଦ କରିବାକୁ ଧମକ ଦେଉଛନ୍ତି। ତେଣୁ ଏହି ଗୁହାରୀର ବିଚାର କରି ନ୍ୟାୟ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଆସ ବହିଟିଏ କିଣିବା ଅଭିଯାନ

ବୋରିଗୁମ୍ମା,୧୦।୪ (ସମିସ):

ଓଡିଆ ପକ୍ଷ ପାଳନ ଅବସରରେ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏପ୍ରିଲ ପହିଲା ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ପାଳନ କରାଯାଉଛି। ଆସ ବହିଟିଏ କିଣିବା ଅଭିଯାନ କାର୍ଯକ୍ରମର ଆୟୋଜନ କରାଯାଇଥିଲା। ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୌମେନ୍ଦ୍ର କୁମାର ସ୍ୱାଇଁ ଙ୍କ ପୌରହିତ୍ୟ ଓ ଗ୍ରନ୍ଥାଗାରିକ ଜଗଦିଶ ପାଣିଗ୍ରାହୀ ଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯକ୍ରମରେ ୧୫୦୦ ରୁ ଅଧିକ ଓଡ଼ିଆ କବିତା, ନାଟକ, ପ୍ରବନ୍ଧ, ପୁରାଣ, ଉପନ୍ୟାସ, ଗଳ୍ପ, ଜୀବନୀ ଓ ଭାରତୀୟ ସଂସ୍କୃତି ଉପରେ ଆଧାର ହୋଇଥିବା ବିଭିନ୍ନ ପୁସ୍ତକ ମାନଙ୍କର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଯୁବ ପାଠକ ମାନଙ୍କ ମଧ୍ୟରେ ପୁସ୍ତକ କ୍ରୟ କରିବାର ଆଗ୍ରହ ଦେଖି ମହାବିଦ୍ୟାଳୟର କର୍ମଚାରୀ ଓ ପରିଚାଳନା ସମିତିର ସଦସ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। କାର୍ଯକ୍ରମରେ ରାମଚନ୍ଦ୍ର ପାଢି, କେ.ନାଗରାଜ ଦୋରା, ସୁବାଷ ଚନ୍ଦ୍ର ନାୟକ ,ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ବୁଲୁ ପ୍ରଧାନ, ସୁରେଶ ରାଉତ, ଏନ.ରାଜେଶ କୁମାର, ଅଶୋକ ବେହେରା, ବରିଷ୍ଠ ସାମ୍ବାଦିକ କେ. ସାକିଲି ଦୋରା, ବିଶ୍ୱଜିତ ପାଣିଗ୍ରାହୀ, ବାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ କାର୍ଯକ୍ରମରେ ଯୋଗ ଦେଇଥିଲେ। ଅଧ୍ୟାପକ ଡକ୍ଟର ସଦାଶିବ ତ୍ରିପାଠୀ, ଭି.ଚିରଞ୍ଜିବୀ ପଟ୍ଟନାୟକ, ଅଧ୍ୟାପିକା ସନ୍ତୋଷିନୀ ପାଢି, ଦେବେନ୍ଦ୍ର ନାଥ ପଣ୍ଡା, ପ୍ରିତେଶ ପଟ୍ଟନାୟକ,ଜି. ଉମା ମାହେଶ୍ୱରୀ, ଲକ୍ଷ୍ମୀରାଣୀ ଦାସୀ, ରେଶ୍ମା ପାତ୍ର, ପ୍ରତୀକ ଶର୍ମା, ଅଭିଷେକ ରାଉତ, ଗଣେଷ ପଲେଇ, ପି.ଗୁପ୍ତେଶ୍ୱର ରାଓ, ଲକ୍ଷ୍ମୀରାଣୀ ପଣ୍ଡା ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥଲେ।

# କୋରାପୁଟରେ ବଢୁଛି ଗାଜର ଉତ୍ପାଦନ



କୋରାପୁଟ,୧୦।୪(ସମିସ): କୋରାପୁଟର ଅନୁକୂଳ ମୃତ୍ତିକା, ପାଣିପାଗ ଓ ଚାହିଦା ଥିବାରୁ କୋରାପୁଟରେ ଗାଜର ଚାଷ ନୂଆ ସମ୍ଭାବନା ଆଣିଛି। ଉତ୍ତମ ସଂରକ୍ଷଣ ବ୍ୟବସ୍ଥାର ଅଭାବ, ଦଲାଲଙ୍କ ପ୍ରଭାବ ଏବଂ ବଜାର ସଂଯୋଗର ଅଭାବ ଯୋଗୁଁ ଚାଷୀମାନେ କମ୍ ଦରରେ ଫସଲ ବିକ୍ରି କରିବାକୁ ବାଧ ହେଉଛନ୍ତି। ଚାଷୀମାନେ ଉତ୍ପାଦିତ ଗାଜରର ଉଚିତ ମୂଲ୍ୟ ପାଉନାହାନ୍ତି। ବର୍ତ୍ତମାନ କୋରାପୁଟ ଜିଲ୍ଲାର ୧୪ ବ୍ଲକ ମଧ୍ୟରୁ ନନ୍ଦପୁର, ଲମତାପୁଟ, ପଟାଙ୍ଗି, ସେମିଳିଗୁଡା, କୋରାପୁଟ ଓ ଜୟପୁର ବ୍ଲକ ଅଞ୍ଚଳରେ ସମୁଦାୟ ୭୫ ହେକ୍ଟର ଜମିରେ ପୁଷା କେଶର ଓ ପୁଷା ମେଘାଳି ଭଳି ଦୁଇ କିସମର ଗାଜର ଚାଷ କରାଯାଉଛି। ହେକ୍ଟର ପିଛା ୧୬,୮୨ ମେଟ୍ରିକ୍ ଟନ୍ ହିସାବରେ ସମୁଦାୟ ୧୨୫୦ ମେଟ୍ରିକ୍ ଟନ୍ ଗାଜର କୋରାପୁଟ ଜିଲ୍ଲାରେ ଉତ୍ପାଦନ ହେଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟରେ ପୋଷଣ ତତ୍ତ୍ୱକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜିଲ୍ଲା ରାଜ୍ୟ ଦେଶ ଓ ଆନ୍ତର୍ଜାତୀୟ ସ୍ତରରେ ଗାଜରର ଚାହିଦା ମଧ୍ୟ ରହିଛି। ତେଣୁ ସରକାରଙ୍କ ଗାଜର ଚାଷ ପାଇଁ ଥିବା ହେକ୍ଟର ପିଛା ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ସହାୟତା ବି ରହିଛି। କିନ୍ତୁ ଗାଜର ଶୀଘ୍ର ନଷ୍ଟ ହେଉଥିବା ଫସଲ ହୋଇଥିବାରୁ ଏହାକୁ ସାଇତି ରଖିବା ପାଇଁ ସୁବିଧା ନାହିଁ। ଦଲାଲଙ୍କ ରାଜୁତି ହେତୁ ଚାଷୀମାନେ ସିଧାସଳଖ ବଜାରରେ ବିକ୍ରି କରି ନପାରି ଦଲାଲଙ୍କ ଉପରେ ନିର୍ଭର କରି କମ୍ ଦରରେ ବିକିଥାନ୍ତି। ଅମଳ ସମୟରେ ଅଧିକ ଯୋଗାଣ ଯୋଗୁଁ ବଜାରରେ ଦର ବହୁତ କମ୍ ହୋଇଯାଏ। ଏହି ସମସ୍ୟାର ସମାଧାନ ପାଇଁ ସରକାରୀ ସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ ଏବଂ ସିଧାସଳଖ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। କୋରାପୁଟ ଜିଲ୍ଲାର ମୃତ୍ତିକା ଓ ପାଣିପାଗ ପୃଷ୍ଟି ତତ୍ତ୍ୱ ଓ ଔଷଧୀୟ ଗୁଣରେ ଭରା ଗାଜର ଚାଷ ପାଇଁ ଅନୁକୂଳ। ଗାଜରରେ ପ୍ରଚୁର ପରିମାଣରେ ଭିଟାମିନ ଏ, ସି, କେ, ବି

### ପ୍ରକ୍ରିୟାକରଣ ସହ ବଜାରୀକରଣ ପାଇଁ ଉଠିଲା ଦାବି

୨, ବି ୩, ବି ୬, ଇ ସହିତ ପୋଟାସିୟମ, କପର, ଜିଙ୍କ, କ୍ୟାଲସିୟମ ଭଳି ଜରୁରୀ ଖଣିଜ ପଦାର୍ଥ, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ପ୍ରୋଟିନ, କାର୍ବୋ ହାଇଡ୍ରେଟ ଭଳି ପୋଷଣ ତତ୍ତ୍ୱ ରହିଛି। ତେଣୁ ନିରାମିଷ ହେଉ ବା ଆମିଷ ଭୋଜନ ପ୍ରସ୍ତୁତ ବେଳେ ଗାଜରର ଆବଶ୍ୟକତା ମଣାଯାଏ। ଶିଶୁ, କିଶୋରୀ, ମହିଳା, ବୃଦ୍ଧବୃଦ୍ଧା ସମସ୍ତେ ଗାଜର ଖାଇବାକୁ ପସନ୍ଦ କରନ୍ତି। ଗାଜର ଚାଷ ଅଳ୍ପ ଖର୍ଚ୍ଚରେ ହୋଇ ଚାଷୀଙ୍କୁ ଅଧିକ ଅମଳ ଦେଇଥାଏ। ତେଣୁ କୋରାପୁଟ ଜିଲ୍ଲାରେ ଧାନ ମାଣ୍ଡିଆ ଆଦି ଖାଦ୍ୟ ଶସ୍ୟ ଓ ଆଳୁ, ବାଇଗଣ, ଫୁଲକୋବି, ବନ୍ଧାକୋବି, ବିନ୍ ଆଦି ସବୁଦିନିଆ ପନିପରିବା ଭଳି ଗାଜର ଚାଷ କୁ ମଧ୍ୟ ଆଗାମୀ ଦିନରେ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ଜିଲ୍ଲା ଉଦ୍ୟାନ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଗାଜରକୁ ନେଇ ଆଗକୁ ଯଦି ଉଦ୍ୟାନ କୃଷି ବିଭାଗ ହଉ କିମ୍ବା ପ୍ରଶାସନ ପ୍ରକିୟାକରଣ ସହ ବଜାର ବ୍ୟବସ୍ଥା କରନ୍ତି, ତେବେ କଫି, ମାଣ୍ଡିଆ, ଆଳୁ , ଅଦା ଭଳ ଚାଷୀ ଅଧିକ ଗାଜର ଜମିରେ ଫଳାଇବା ପାଇଁ ଉଦ୍ୟମ କରନ୍ତେ। ଏହା ସ୍ଥାନୀୟ ଲୋକଙ୍କ ପୋଷଣ ତତ୍ତ୍ୱ ମଧ୍ୟ ମେଣ୍ଟାଇବ ବୋଲି କୋରାପୁଟ ଫାରମର୍ସ ଆସୋସିଏସନର ସମ୍ପାଦକ ଶରତ ପଟ୍ଟନାୟକ କହିଛନ୍ତି।

## କନ୍ଧମାଳରେ ପୁଲିସ-ଗ୍ରାମବାସୀ ସଂଘର୍ଷ

# ସ୍ଥିତି ଅନୁଧ୍ୟାନ କଲା ପିସିସି ତଥ୍ୟ ଅନୁଧ୍ୟାନକାରୀ ଟିମ୍





ରାୟଗଡ଼ା/ଟିକିରି, ୧୦।୪(ସମିସ): ଚଳିତ ମାସ ଗତ ୭ ତାରିଖରେ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡ ଯୁଦ୍ଧ ଘଟଣାର ଅନୁଧ୍ୟାନ ପାଇଁ ପିସିସି ନିର୍ଦ୍ଦେଶକ୍ରମେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି କାଶିପୁର ବ୍ଲକ ଗସ୍ତ କରିଛି। ଏହି ଅବସରରେ ଶ୍ରୀ ଉଲ୍ଲାକା କହିଛନ୍ତି ଯେ ବିକାଶ ସମସ୍ତେ ଚାହାଁନ୍ତି; ଆଉ ସେଠାକାର ଲୋକ ମଧ୍ୟ ଚାହୁଁଛନ୍ତି। ମାତ୍ର ବିକାଶ ନାମରେ ପୁଲିସ ଦମନଲୀଳା ଗ୍ରହଣୀୟ ନୁହେଁ। ଆଗାମୀ ଦିନରେ ଏକ ରିପୋର୍ଟ ଜାତୀୟ କଂଗ୍ରେସକୁ ଦେବୁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କମିଟିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍, ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଧାୟକ ବିଷମକଟକ ନୀଳମାଧବ ହିକକା, ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ ବିଧାୟକ ଭୂଜବଳ ମାଝୀ ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ମହିଳା କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ ଏବଂ କଂଗ୍ରେସର ବହୁ ନେତା ଉପସ୍ଥିତ ରହିଥିଲେ। ଏହି ପ୍ରତିନିଧିଦଳ ପ୍ରଥମେ କନ୍ଧମାଳ ଓ ପରେ ଶାଗବାରୀ ଅଞ୍ଚଳ ଗସ୍ତ କରିବା ସହ ଏକ ସବିଶେଷ ରିପୋର୍ଟ ରାହୁଲ ଗାନ୍ଧୀଙ୍କୁ ଦେବେ ବୋଲି କହିଛନ୍ତି।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

କୋରାପୁଟ,୧୦।୪(ସମିସ): ନବ ନିଯୁକ୍ତ କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ ମୁଦୁଲି ଏବଂ ଉପାଧ୍ୟକ୍ଷା ସୁକାନ୍ତି ମାଝୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି, ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ସମ୍ପାଦକ ଚୈତନ୍ୟ ହନ୍ତାଲଙ୍କ ସମେତ ଅନ୍ୟାନ୍ୟ ବିଜେପି ନେତା ଓ କର୍ମୀ ମାନଙ୍କ ସହ ଏକ ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ନୂତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ



ଓ କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ ଉଭୟଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଦିବାସୀ ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା, ଐତିହ୍ୟ ସଂରକ୍ଷଣ ଏବଂ ଆଦିବାସୀ ଭାଷା, କଳା ଓ ପବିତ୍ର ପୀଠର ବିକାଶ ପାଇଁ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ମାଛ ଏବଂ ନୂତନ ଅଧ୍ୟକ୍ଷ ଭଗବାନ ମୁଦୁଲି କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ବିଜୟକୁମାର ମିଶ୍ର, ଜୟରାମ ଗରଡା, ତ୍ରିନାଥ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ନରସିଂହ ପଟନାୟକ ଓ ଚୈତନ୍ୟ ନନ୍ଦିବାଲି ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର




ବୈପାରୀଗୁଡ଼ା,୧୦।୪(ସମିସ): ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଲା ମର୍ଯ୍ୟାଦାଜନକ କାୟାକଳ୍ପ ପୁରସ୍କାର। ଆଜି କୋରାପୁଟ ସଦ୍‌ଭାବନା ଗୃହରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ଗ୍ରହଣ କରିଛନ୍ତି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା ଇନଚାର୍ଜ ବସବଦତ୍ତା ନାୟକ ଏବଂ ତାଙ୍କ ଟିମ। ଭିତ୍ତିଭୂମି ଏବଂ ରୋଗୀ ସେବାରେ ନିରନ୍ତର ଉନ୍ନତି ମାଧ୍ୟମରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ପରିବର୍ତ୍ତନ କରିବାରେ ବୋଇପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଥିବା ପ୍ରୟାସକୁ ଗୁରୁତ୍ୱାରୋପ ଦିଆଯାଇଛି। ସୁସ୍ଥ ଏବଂ ପରିଷ୍କାର ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା ପାଇଁ ଜାତୀୟ ଲକ୍ଷ୍ୟ ସହିତ ଏହାର ସମନ୍ୱୟକୁ ଉଲ୍ଲେଖ କରି ଅଧିକାରୀମାନେ ବୈପାରୀଗୁଡା ମେଡିକାଲ ଟିମର ଉତ୍ସର୍ଗକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସିଡ଼ିଏମଓ ଡ. ରବୀନ୍ଦ୍ର ନାଥ ମିଶ୍ର, ଏଡିପିଏଚଓ ଡକ୍ଟର ନୀଳମାଧବ ଶତପଥୀ, ଡିପିଏଚଓ ଡାକ୍ତର ମୁକ୍ତିକାନ୍ତ ଖଟୁଆ ଓ ଶିବସାଇ ସରୂପ ପ୍ରମୁଖ ଉପସ୍ଥିତ ଥିଲେ।

## ଇଟା ବୋଝେଇ ଟ୍ରାକ୍ଟର ଓଲଟି ୩ ମହିଳା ଶ୍ରମିକ ଗୁରୁତର

ମୋହନା,୧୦।୪(ସମିସ): ଇଟା ବୋଝେଇ ଟ୍ରାକ୍ଟର ଓଲଟି ଗୁରୁତର ଆହତ ହୋଇଛନ୍ତି ୩ ମହିଳା ଶ୍ରମିକ। ଏହି ଦୁର୍ଘଟଣା ମୋହନା ଥାନା ଚନ୍ଦ୍ରଗିରି ନିକଟସ୍ଥ ଚିଟିଙ୍ଗ ଘାଟିରେ ଘଟିଛି। ସୂଚନା ମୁତାବକ, ଏକ ଇଟା ବୋଝେଇ ଟ୍ରାକ୍ଟର ପାଞ୍ଚଆମ୍ବରୁ ଚନ୍ଦ୍ରଗିରି ଆଡ଼କୁ ଆସିବା ବେଳେ ଭାରସାମ୍ୟ ହରାଇ ଚିଟିଙ୍ଗ ଘାଟିରେ ଓଲଟି ପଡିଥିଲା। ଟ୍ରାକ୍ଟର ଡାଲାରେ ବସିଥିବା ୩ ମହିଳା ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମହେନ୍ଦ୍ରଗଡ ଗ୍ରାମର କ୍ଷୀରମଣି ମଳିକ, ଅନସୂୟା ମଳିକ ଓ ନମିତା ମଳିକ। ସେମାନଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଜୟପୁର କ୍ରିକେଟ ଲିଗ୍‌ର ଷଷ୍ଠ ଦିବସ

# ଇଭିନିଂ କ୍ଲବ୍, ଜୟପୁର ଜାଗୁଆର ଦଳ ବିଜୟୀ

ଜୟପୁର,୧୦।୪(ସମିସ): ଜୟପୁର ଦଶହରା ପଡ଼ିଆ ଠାରେ କ୍ରିକେଟ ଲିଗର ଟୁର୍ଣ୍ଣାମେଣ୍ଟର ଆଜି ଷଷ୍ଠ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଇଭିନିଂ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ୧୫ ଓଭରରେ ୧୮୫ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦେଓମାଳି ରାଇଡର୍ସ ଦଳ ୧୫ ଓଭରର ୧୭୧ରନ ସଂଗ୍ରହ କରିବା ସହିତ ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଜୟପୁର ଜାଗୁଆର ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୪ ଟି ୱିକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ପ୍ରତିପକ୍ଷ ବ୍ରାଣ୍ଡେଡ ବୟସ ଦଳ ୧୫ ଓଭରରେ ୮ଟି ୱିକେଟ ହରାଇ ୧୭୮ରନ ସଂଗ୍ରହ କରିବାକୁ ସମର୍ଥ ହୋଇ ପାରାଜିତ ହୋଇଥିଲେ। ପ୍ରଥମ ମ୍ୟାଚରେ ମହେନ୍ଦ୍ର ଜାନୀ ଏବଂ ଦ୍ୱିତୀୟ ମ୍ୟାଚରେ ଆଶିଷ ମୁଦୁଲି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଏହି ଦୁଇଟି ମ୍ୟାଚରେ ଏମ୍ପାୟର ଭାବେ କ୍ରିଷ୍ଣା ରାଓ ,ଅନିଲ କୁମାର, ଅନନ୍ତ ନାୟକ ଓ ଲଇଛନ ଜାନୀ ପରିଚାଳନା କରିଥିଲେ।




## ୪୩ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ



ପାରଳାଖେମୁଣ୍ଡି,୧୦।୪(ସମିସ): ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ତଥା ଜିଲ୍ଲା ଯୋଗାଣ ଅଧିକାରୀ ଅନୁପ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାରୀ ରୋକିବାକୁ ଚଢ଼ଉ ଜାରି ରହିଛି। ଶୁକ୍ରବାର ଆର୍.ଉଦୟଗିରି ବ୍ଲକ ସଦରମହକୁମା ଓ ଛେଳିଗଡ଼ରେ ଚଢ଼ଉ ହୋଇଥିଲା। ଛେଳିଗଡ ଗ୍ରାମର ଶଶିକାନ୍ତ ପଟ୍ଟନାୟକ ବହୁ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରଖିଥିବା କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ପଟ୍ଟନାୟକ ରଖିଥିବା ଏକ ଘରୁ ୪୩ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଜବତ କରିଥିଲା ଯୋଗାଣ ବିଭାଗ। ଏନେଇ ସମସ୍ତ ତଥ୍ୟ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିବା ପରେ ଉଲ୍ଲେଖିତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ସୂଚନା ପ୍ରଦାନ କରାଯାଇଛି। ଚଢ଼ଉରେ ସହକାରୀ ଯୋଗାଣ ଅଧିକାରୀ ସୁହାଂସ ଭୋଇ, ପୃଥ୍ୱୀରାଜ ପ୍ରଧାନ, ଅତିରିକ୍ତ ଯୋଗାଣ ଅଧିକାରୀ ସବ୍ୟସାଚୀ ବସ୍ତିଆ, ମାର୍କେଟିଂ ଇନ୍ସପେକ୍ଟର ପ୍ରିୟବ୍ରତ ପରମାଣିକ ସାମିଲ ହୋଇଥିଲେ।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ,

ବାଲିଗୁଡ଼ା,୧୦।୪(ସମିସ): କ.ନୂଆଗାଁ ଥାନା କୁଡୁତୁଲି ଗ୍ରାମର ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ୍ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁଡୁତୁଲି ପଞ୍ଚାୟତ ସାରକେଟା ଗ୍ରାମର ଗଣେଶ ପାତ୍ର (୨୯)। ୧୭ ବର୍ଷୀୟ ନାବାଳିକା ଯୁବତୀ ଜଣକ ଗାଧୋଇବାକୁ ଯାଇଥିବାବେଳେ ଗଣେଶ ଅଟୋ ଧରି ସେହିବାଟେ ଯାଉଥିଲା। ନାବାଳିକା ଜଣକ ଏକୁଟିଆ ଯାଉଥିବା ଦେଖି ଅଟୋ ରଖି ଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ପାଟି କରିବାରୁ ଗଣେଶ ଜଙ୍ଗଲକୁ ଦୌଡ଼ି ପଳାଇଥିଲା। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ପହଞ୍ଚି ଅଟୋ ଜବତ କରିଥିଲା। ଥାନା ଅଧିକାରୀ ଆଶୁତୋଷ ଜେନା ଅଭିଯୁକ୍ତର ଫୋନ୍ ଟ୍ରାକ୍ କରିବା ସହିତ ଉପସ୍ଥିତ ବୁଦ୍ଧି ଖଟାଇଥିଲେ। ପୁଲିସ୍ ଗାଡ଼ିରେ ନଯାଇ ୪୦୭ ଗାଡ଼ିରେ ସାଧା ପୋଷାକରେ ସେଠାକୁ ଯିବାବେଳେ ଗଣେଶ ଜଙ୍ଗଲରୁ ବାହାରି ଲିଫ୍ଟ ମାଗିଥିଲା। ଏହି ସମୟରେ ଗଣେଶକୁ କାବୁ କରି ଥାନା ଅଧିକାରୀ ହାଜତକୁ ଆଣିଥିଲେ।

## ପରିତ୍ୟକ୍ତ ଯାତ୍ରୀ ବିଶ୍ରାମାଗାର; ନିରବଦ୍ରଷ୍ଟା ଏନ୍‌ଏସି କର୍ତ୍ତୃପକ୍ଷ

ଜି.ଉଦୟଗିରି,୧୦।୪(ସମିସ): ଜି.ଉଦୟଗିରି ବହୁ ପୁରୁଣା ଏନ୍‌ଏସି ହୋଇଥିବା ବେଳେ ଦୀର୍ଘବର୍ଷ ହେଲା ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି କରାଯାଉଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସହରରେ ଯାତ୍ରୀ ବିଶ୍ରାମାଗାର ନଥିବାରୁ ସବୁଠି ସମାଲୋଚନା ଓ ନିନ୍ଦିତ ହୋଇଆସୁଛି। ପୂର୍ବରୁ ଶ୍ରୀରାମପଦାରେ ଥିବା ଯାତ୍ରୀ ବିଶ୍ରାମଗାର ଭାଙ୍ଗିରୁଜି ଯାଇଛି। କଳିଙ୍ଗ ମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଷ୍ଟେଟବ୍ୟାଙ୍କ, ଜି.ଉଦୟଗିରି -ପାବୁରୀଆ ମୁଖ୍ୟରାସ୍ତା, ରଟିଙ୍ଗିଆ, ସୁଭଦ୍ରା ମହତାବ, କଳିଙ୍ଗ ଷ୍ଟାଡିୟମ, ବସ୍‌ଷ୍ଟାଣ୍ଡ, କେବିକେ, ବନବିଭାଗ କାର୍ଯ୍ୟାଳୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଯୋଗୁ ବ୍ୟସ୍ତବହୁଳ ସ୍ଥାନ ହୋଇଥିବା ବେଳେ ଅତି ଜରୁରୀ ହେଉଛି ଯାତ୍ରୀ ବିଶ୍ରାମାଗାର। କିନ୍ତୁ ଦୀର୍ଘବର୍ଷ ହେଲା ଶ୍ରୀରାମପଦା ଛକରେ ସେପରି ଦୟନୀୟ ଅବସ୍ଥାରେ ରହିଛି। କାହାର ଦୃଷ୍ଟି ପଡୁନି। ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ସେହିଭଳି ଭାବେ ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟ ନିକଟରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲା ଯାତ୍ରୀ ବିଶ୍ରାମଗାର। ତାହା ଉଦ୍‌ଘାଟନ ନ ହେଉଣୁ ଭାଙ୍ଗିରୁଜି ଗଲାଣି। ଲୋକେ ପରିସ୍ରାଗାର ଭାବି ପରିସ୍ରା କରୁଥିବା ବେଳେ ଦୁର୍ଗନ୍ଧରେ ଫାଟି ପଡୁଛି ନାକ। ଯାତ୍ରୀ ଖରା, ବର୍ଷା, ଶୀତରୁ ରକ୍ଷା ପାଇବାକୁ ଆଖପାଖ ଦୋକାନ ପିଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଏହିଭଳି ଜରୁରୀ ଥିବା ଦୁଇ ଯାତ୍ରୀ ବିଶ୍ରାମଗାର ବ୍ୟବହାର ଉପଯୋଗୀ ନ ହେବା ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା କଥାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ସାଧାରଣ ଜନତା। ଯାତ୍ରୀଙ୍କ ସୁବିଧା ପାଇଁ ଶୀଘ୍ର ଏହି ଯାତ୍ରୀ ବିଶ୍ରାମାଗୋର ବ୍ୟବହାର ଉପଯୋଗୀ କରିବାକୁ ଦାବି ହେଉଛି।

## ଉପାନ୍ତ କାଲାଡ଼ି ଗାଁରେ ସ୍ୱତନ୍ତ୍ର ଗ୍ରାମସଭା

ଫିରିଙ୍ଗିଆ,୧୦।୪(ସମିସ): ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ ପାଙ୍ଗା ଉପରସାହି ପଞ୍ଚାୟତ କାଲାଡ଼ି ଗାଁରେ 'ଆମେ ଜାଣିବା ଆମ ବଜେଟ'କୁ ନେଇ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କାଲାଡ଼ି ୱାର୍ଡସଭ୍ୟ ଗିଞ୍ଜାରା ଦିଗାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତର ଅଙ୍ଗନବାଡି କର୍ମୀ ଭାନୁମତି କହଁର, ଏଡ଼ିଇଓ କୃଷ୍ଣ ଚନ୍ଦ୍ର ସାହୁ ଯୋଗଦେଇ ବିଭିନ୍ନ ଯୋଜନା, ବିଭିନ୍ନ ବଜେଟ ଓ ଭିବି ରାମଜୀ, ପାନୀୟ ଜଳ, ଆବାସ ଗୃହ, ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତିକରଣ, ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ଭଳି ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବୁଝାଇବା ସହ ସମସ୍ତ ଯୋଜନା ବିଷୟରେ ଅବଗତ କରିଥିଲେ। ୧୧ ନମ୍ବର ୱାର୍ଡର ୮ ସାହିର ଗ୍ରାମବାସୀ ଉପସ୍ଥିତ ରହି ଯୋଜନା ବିଷୟରେ ଜାଣିବା ସହ ଆବଶ୍ୟକୀୟ ବିଭିନ୍ନ ଯୋଜନାରେ ଗାଁରେ ଥିବା ବିଭିନ୍ନ ସମସ୍ୟାକୁ ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରିବା ସହ ଦାବି କରିଥିଲେ। କାର୍ଯ୍ୟକ୍ରମକୁ ଏଡ଼ିଇଓ କୃଷ୍ଣ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଲୋକକଳା ପାଇ ଦିନଟିଏ କାର୍ଯ୍ୟକ୍ରମ



ପାପଡାହାଣ୍ଡି,୧୦।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟଳୟ ସଭା ଗୃହ ଠାରେ ଲୋକକଳା ପାଇ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ସୁଶାନ୍ତ କୁମାର ବେହେରା, ବିଡ଼ିଓ କପିଳଦେବ ସାହୁ, ପୂର୍ବତନ ପ୍ରାଧନ ଶିକ୍ଷକ ନାରାୟଣ ଗୁରୁ, ବ୍ଲକକଳା ସଂଘ ଉପ ସଭାପତି ପବିତ୍ର ନାୟକ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ୪୦ ଜଣରୁ ଅଧିକ କଳାକାରଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ କିସାନ ଓ ନୀଳକଣ୍ଠ ବିଷୋୟୀ ପରିଚାଳନା କରିଥିଲେ।

# ପୁରୁଣା ଭଙ୍ଗାଇଟା ଓ ଲୁହା ପାଇପ୍ ଲଗାଇ ସ୍କୁଲ ଗୃହ ମରାମତି

କୋଷାଗୁମୁଡ଼ା,୧୦।୪(ସମିସ): ପଞ୍ଚାୟତ ପାଚେରୀ ର ଅବଶିଷ୍ଟାଂଶ ପୁରୁଣା ଇଟା ଓ ଜାତୀୟ ପତାକା ଉତ୍ତୋଳନରେ ବ୍ୟବହାର ହେଉଥିବା ଲୁହା ପାଇପକୁ ବିଦ୍ୟାଳୟର ଏକ କୋଠରୀ ମରାମତି କାମରେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ,ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ଏକୋରି ପଞ୍ଚାୟତର ସଦର ମହକୁମାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ। ଗୁରୁବାର ଦିନ ବିଦ୍ୟାଳୟରେ ଥିବା ସିଆରସିସିଙ୍କ କାର୍ଯ୍ୟାଳୟ ଗୃହର ଛାତରୁ ପାଣି ସିଙ୍କ ନହେବା ପାଇଁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଆଜବେଷ୍ଟ ବିଛାଇବା ପାଇଁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ମରାମତି କାର୍ଯ୍ୟ କରାଯାଉଥିବା ବେଳେ ପୂର୍ବରୁ ପଞ୍ଚାୟତର ପାଚେରୀର ଭଙ୍ଗା ଇଟା ସହ ଜାତୀୟ ପତାକା ଉତ୍ତୋଳନ ପାଇଁ ବ୍ୟବହାର ହେଉଥିବା ଲୁହାପାଇପକୁ ଠିକାଦାର ବ୍ୟବହାରରେ ଲଗାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ କଲ୍ ନ ଉଠାଇବା ଯୋଗୁଁ ପ୍ରତିକ୍ରିୟା ମିଳିନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଫୋନ ଦ୍ୱାରା ପଚାରିବାରୁ ପଞ୍ଚାୟତ ଦ୍ୱାରା ବିଦ୍ୟାଳୟର ସିଆରସିସିଙ୍କ କାର୍ଯାଳୟ ଗୃହକୁ ମରାମତି କାର୍ଯ୍ୟ ପାଇଁ ପ୍ରାୟ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ପୁରୁଣା , ଭଙ୍ଗା ଇଟା ଓ ପତାକା ଉତ୍ତୋଳନ କରୁଥିବା ଲୁହା ପାଇପ ବ୍ୟବହାର ଉପରେ ଠିକାଦାରଙ୍କୁ ପଚାରି ବୁଝିବେ ବୋଲି କହିଛନ୍ତି। ମରାମତି କାର୍ଯ୍ୟରେ କାହିଁକି ଜାଣିଶୁଣି ପୁରୁଣା ଜିନିଷ ବ୍ୟବହାର ହୋଇଛି ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ



ପାଇଛି। ଏପଟେ ଏହି କାର୍ଯ୍ୟ ତରବରିଆ ଭାବେ ସମ୍ପାଦନ କରୁଥିବା ବେଳେ କେବଳ ୩୦ରୁ ୪୦ହଜାର ଟଙ୍କା ବ୍ୟୟରେ ମରାମତି କାର୍ଯ୍ୟ ସମ୍ପାଦନ କରି ଦେଢ଼ ଲକ୍ଷ ଟଙ୍କାର ବିଲ୍ କରାଯିବ ବୋଲି ଅଭିଯୋଗ ହେଉଛି। ତେବେ କିପରି ସ୍ଥାନୀୟ ପଞ୍ଚାୟତ ଏଭଳି କାର୍ଯ୍ୟ କରୁଛି। ଯାହାକି ପ୍ରାୟ ୨୬ ବର୍ଷ ତଳେ ନିର୍ମାଣ କରାଯାଇଥିଲା । ବିଦ୍ୟାଳୟର ଗୃହ ଯାହାକି ବର୍ତ୍ତମାନ ଛାତରୁ ସିମେଣ୍ଟ ଖସି ରଡ଼ ଦେଖାଯାଉଛି। ଝରକାର କବାଟ କଣା ହୋଇଛି। ଝରକା ଓ କାନ୍ଥ ଫାଟି ଥିବା ଦଦରା ଗୃହକୁ ମରାମତି ବାହାନାରେ ପଞ୍ଚାୟତର ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ଦେଖାଉଛି। ଏହି ଘଟଣା ଉପରେ ବିଭାଗର ଉଚ୍ଚ ଅଧିକାରୀ କିମ୍ବା ବିଡ଼ିଓ ଆସି ପର୍ଯ୍ୟବେକ୍ଷଣ କଲେ ସତ ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

